## ୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରେ ଶନିବାର ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୩୫୪ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ଜଣେ ଓ ତାଳଚେର ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି।

## ଆଜି କ'ଣ କେଉଁଠି

**ବଣ୍ଡଁରପାଳ**

- କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପନୀ କାର୍ଯ୍ୟକ୍ରମ। **ସ୍ଥାନ**-ନାଲ୍‌କୋ ଷ୍ଟାଡିୟମ। **ସମୟ**- ଅପରାହ୍ନ ୫ଟା।
- ସଞ୍ଜପଡ଼ା ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ। **ସ୍ଥାନ**- ସଞ୍ଜପଡ଼ା। **ସମୟ**- ସକାଳ ୭ଟା।

**ଢେଙ୍କାନାଳ**

- ଜାତୀୟ ବିଜ୍ଞାନ ଦିବସ। **ସ୍ଥାନ:** ଜିଲା ବିଜ୍ଞାନ କେନ୍ଦ୍ର। **ସମୟ:** ପୂର୍ବାହ୍ନ ୧୧ଟା।
- ନୃତ୍ୟାଙ୍ଗନା ସମ୍ମାନ। **ସ୍ଥାନ:** ଗୋପବନ୍ଧୁ ଟାଉନହଲ୍। **ସମୟ:** ସନ୍ଧ୍ୟା ସାଢ଼େ ୬ଟା।

## ଦୁର୍ଘଟଣାରେ ଜଣେ ମୃତ

ବଇଣ୍ଡା,୨୭।୨(ଡି.ଏନ.ଏ.)- କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଗଡି ପୁରୁଣାପାଣି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଏକ ଟ୍ରକ୍ ହେଲପର ପଞ୍ଜାବର ହରଦୀପ ସିଂଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ହରଦୀପ ଟ୍ରକ୍ (ନଂ. ପିବି୦୯ଏକ୍ସ-୭୧୦୭) ଯୋଗେ ସମ୍ବଲପୁରରୁ କଟକ ଅଭିମୁଖେ ଆସୁଥିବାବେଳେ ଗଡି ପୁରୁଣାପାଣି ନିକଟରେ ଗାଡ଼ି ଖରାପ ହୋଇଯାଇଥିଲା। ହରଦୀପ ଗାଡିରୁ ଓହ୍ଲାଇ ମରାମତି କାର୍ଯ୍ୟ କରୁଥିବା ସମୟରେ ଅନୁଗୋଳରୁ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହରଦୀପଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ହଣ୍ଡପା ଥାନା ଏଏସ୍‌ଆଇ ବି. ସାହୁ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏ ନେଇ ନଂ. ୫୧/୨୦ ରେ ଏକ ମାମଲା ରୁଜୁ ହୋଇଛି।

## ବ୍ୟବସାୟୀଙ୍କ ପରଲୋକ

ବଇଣ୍ଡା,୨୭।୨(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ବ୍ୟବସାୟୀ ତଥା ଲୁହାମୁଣ୍ଡା ଗ୍ରାମର ତ୍ରିଲୋଚନ ସାହୁଙ୍କ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। କିଛିଦିନ ତଳେ ସେ ହୃଦ୍‌ଘାତର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତଦେହ



ବଇଣ୍ଡାଠାରେ ପହଞ୍ଚିବା ପରେ ବଇଣ୍ଡା ବଜାର କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ କରାଯାଇଥିଲା। ତ୍ରିଲୋଚନଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

## ଟ୍ରକ୍ ଧକ୍କାରେ ଶିକ୍ଷକ ମୃତ

ଛେଣ୍ଡିପଦା,୨୭।୨(ସ୍ୱ.ପ୍ର.)- ଅନୁଗୋଳ ଦେଇ ଯାଇଥିବା କଟକ- ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଜରପଡା ଥାନା ଢୁକୁଡା ଗ୍ରାମ ଛକଠାରେ ଶନିବାର ଏକ ଟ୍ରକ୍



ବାଇକ୍‌କୁ ଧକ୍କା ଦେବାରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରୁ ଶିକ୍ଷକ ଜୀବନ ନାଏକ ଏବଂ ନରେନ୍ଦ୍ର ମଲିକ ଏକ ବାଇକ୍ ଯୋଗେ ବଲାଙ୍ଗିର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜୀବନଙ୍କୁ ମୃତ ଘୋଷଣା କରିଥିଲେ। ଜୀବନ ବଲାଙ୍ଗିର ଜିଲାରେ ଶିକ୍ଷକତା କରୁଥିବା ଜଣାପଡିଛି। ଜରପଡା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ସାରଳା ସାହିତ୍ୟ ଉପରେ ଆଲୋକପାତ

ବଣ୍ଡଁରପାଳ,୨୭।୨(ଡି.ଏନ.ଏ.)- ଆଦି କବି ଶାରଳା ଦାସଙ୍କ ମହାପ୍ରୟାଣ ଦିବସ ଶାରଳା ଦାସ ସ୍ମୃତି ପରିଷଦ ପକ୍ଷରୁ ପାଳିତ ହୋଇଛି। ଏଥିରେ ନାଲ୍‌କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା, ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ଅନ୍ୟ ବିଭାଗୀୟ ଜିଜିଏମ୍‌ମାନେ ଯୋଗଦେଇ ଆଦି କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସ୍ମୃତି ପରିଷଦ ପକ୍ଷରୁ ସାହିତ୍ୟ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଇଡି ପଣ୍ଡା, ସମ୍ମାନିତ ଅତିଥି ଭାବେ ଏସ୍.କେ. ଦାସ, ଅଭୟ କୁମାର ନୟକ ଯୋଗଦେଇ ସାରଳା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପରିଷଦ ପକ୍ଷରୁ ଶାନ୍ତନୁ ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଜନବସତି ମୁହାଁ ଜଙ୍ଗଲୀ ଜନ୍ତୁ

ଶିଳ୍ପ ପାଇଁ ଜଙ୍ଗଲ କଟାଯାଉଛି। ପାହାଡ଼ ଖୋଳି ରାସ୍ତା ନିର୍ମାଣ ହେଉଛି। କାଠ ମାଫିଆ, ଚୋରା ନିଶା ବେପାରୀ ଓ ଜନବସତି ଧୀରେ ଧୀରେ ଜଙ୍ଗଲ ଆଡ଼କୁ ମାଡ଼ି ଚାଲିଥିବାରୁ ବନ୍ୟଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ସେମାନଙ୍କ ଆବାସସ୍ଥଳୀ ସଙ୍କୁଚିତ ହେଉଛି। ଖାଦ୍ୟ ଶୃଙ୍ଖଳା ବିଗିଡ଼ି ଯାଉଛି। ସ୍ଥାନ, ଖାଦ୍ୟ ଓ ଜଳାଭାବର ଶିକାର ଜଙ୍ଗଲୀ ଜନ୍ତୁ ଗାଁ ଭିତରକୁ ପଶିବାକୁ ବାଧ ହେଉଛି।

**ଅଜିତ ଧଳ**
**ଛେଣ୍ଡିପଦା, ୨୭।୨**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଅନେକ ଗ୍ରାମରେ ଏବେ ବନ୍ୟଜନ୍ତୁଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ଯେଉଁ ଅଞ୍ଚଳରେ ଦିନେ ହାତୀଙ୍କ ଆଦୌ ଗତିବିଧି ନ ଥିଲା, ସେଠାରେ ବର୍ତ୍ତମାନ ହାତୀ ଓ ଭାଲୁ ଆତଙ୍କ ଲୋକଙ୍କ ନିଦ ହଜାଇ ଦେଉଛି। ଫସଲ ନଷ୍ଟ ସହ ଆକ୍ରମଣରେ ଅଞ୍ଚଳବାସୀଙ୍କ ଜୀବନ ହାନି ମଧ୍ୟ ଘଟୁଛି। ଗତ ୩ ବର୍ଷରେ ବ୍ଲକ ଅଞ୍ଚଳର ୩୯ ଜଣ ଭାଲୁ ହାବୁଡ଼ରେ ପଡ଼ି କ୍ଷତାକ୍ତ ହୋଇଥିବା ବେଳେ ୩ ଜଣଙ୍କ ମୃତ୍ୟୁ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ ପକ୍ଷରୁ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଛେଣ୍ଡିପଦା ବନାଞ୍ଚଳର ନୂଆଗାଁ, କଣଲୋଇ, ପାତ୍ରପଡା, ଖମାର, ପିପଳବାହଳ, ଖଇରବେରେଣୀ, ଶିମିଳିପାଳ, ବସନ୍ତପୁର, ପାଟକମୁଣ୍ଡା, ଟେବୁଡ଼, ସନ୍ତରାବନ୍ଧ, କିସିଣ୍ଡା, ହଟିଆନାଳି, ବ୍ରାହ୍ମଣବିଲ, କମ୍ପସଲା ଆଦି ବହୁ ରାଜସ୍ୱ ଗ୍ରାମରେ ବନ୍ୟଜନ୍ତୁଙ୍କ ପ୍ରବେଶ ଏକ ନିତିଦିନିଆ ଘଟଣା ହୋଇଗଲାଣି। ପ୍ରତ୍ୟକ ଦିନ କେଉଁ ଗାଁକୁ ହାତୀ ପଶିଆସି କ୍ଷୟକ୍ଷତି ଘଟାଇଲେଣି ତ ଆଉ କେଉଁ ଗାଁରେ ଭାଲୁ, ବାର୍‌ହା କି ଶମ୍ବର ଉପଦ୍ରବ ଦେଖାଦେଲାଣି। ଏହାକୁ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇପଡୁଥିଲେ ବି ଏଥିରୁ ରକ୍ଷା ପାଇବାର ଉପାୟ ମିଳୁନାହିଁ। ବିଶେଷକରି ଖାଦ୍ୟ ଓ ପାନୀୟ ନ ପାଇ ସମ୍ବଲପୁର, ଦେବଗଡ଼ ଆଦି ଜିଲାର ଜଙ୍ଗଲାଞ୍ଚଳରୁ ହାତୀ ଓ ଭାଲୁ ଛେଣ୍ଡିପଦା ଆଡ଼କୁ ମୁହାଁଉଛନ୍ତି। ଏମାନେ ବହୁ ଏକର ଜମିରେ ଫସଲ ନଷ୍ଟ କରୁଥିବାରୁ ଏଠାକାର ଚାଷୀଙ୍କ ଆର୍ଥିକ ଅବସ୍ଥା ଦୋହଲିଗଲାଣି। ବ୍ଲକ ଅଞ୍ଚଳର ବହୁ ଚାଷୀ ଆଖୁ ଚାଷ କରୁଥିବାରୁ ପଲ ପଲ ଭାଲୁ ଆଖୁ ଓ ଉଇ ଖାଇବାକୁ ଆସି ଫସଲ ଉଜାଡ଼ି ଦେଉଛନ୍ତି।



ଭାଲୁ ଆକ୍ରମଣରେ ଆହତ ଜଣେ ବ୍ୟକ୍ତିଙ୍କୁ ମେଡିକାଲ ଅଣାଯାଇଛି।

- ଛେଣ୍ଡିପଦାରେ ଫସଲ ଉଜାଡ଼ୁଛନ୍ତି ଭାଲୁ
- ୩ ବର୍ଷରେ ୩୯ ଜଣ ଆକ୍ରମଣର ଶିକାର
- ବନ ବିଭାଗ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ

ଏହାଛଡ଼ା ଚାଷ ଜମିକୁ ଯାଉଥିବା ଚାଷୀ ହାତୀ ଅପେକ୍ଷା ଭାଲୁ ଆକ୍ରମଣ ଅଧିକ ସମ୍ମୁଖୀନ ହେଉଛନ୍ତି। ନୂଆଗାଁର କାର୍ତ୍ତିକେଶ୍ୱର ବେହେରା, କାଠପାଳ ଗ୍ରାମର ଜଳବା ବେହେରା ଓ ଅଳେଇଚ ବିଶ୍ୱାଳ, ମାରୁଡ଼ିପ ଗ୍ରାମର ଅଚ୍ୟୁତି ମାଝି ଓ ନିନା ଗରିଆ, ବ୍ରାହ୍ମଣବିଲର ପ୍ରହଲ୍ଲାଦ ଶଙ୍ଖାରୀ ଓ ମିଟୁ ଶଙ୍ଖାରୀ, ନୂଆଗାଁର ଝୁନୁରାଣୀ ସାହୁ, ଟାକୁଆ ଗ୍ରାମର କୈଳାସ ଚନ୍ଦ୍ର ସାହୁ, ପାତ୍ରପଡାର ଅଳି ବେହେରା, ଜରିପାଳର ମେଘୁ ନାଏକ, ନୂଆଗାଁର କୁଳମଣି ବେହେରା ପ୍ରମୁଖ ୨୦୧୯ରେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ସେହିପରି ୨୦୨୦ରେ ନୂଆଗାଁର ଭଜମନ ଦଳେଇ, ଖଜୁରୀଆମୁଣ୍ଡା ଗ୍ରାମର ବାସନ୍ତୀ ପ୍ରଧାନ, ନୂଆଗାଁର ଘନ ଚନ୍ଦନ, ଭାସ୍କର ପଲେଇ, ସଞ୍ଜୁକ୍ତା ପଲେଇ, କୋଶଳା ଗ୍ରାମର ଶିରି ନାଏକ, ପାତ୍ରପଡ଼ା ଗ୍ରାମର ଚିତ୍ତ ଦାଶ ଓ ଶୁକଦେବ ସାହୁ ଗୁରୁତର ହୋଇଥିଲେ। ୨୦୨୧ ଜାନୁୟାରୀ ମାସରେ ୫ ଜଣ ଭାଲୁ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି।

### ଉଇ ଖାଇବାକୁ ଗାଁ ମୁହାଁ



"ବିଭିନ୍ନ କାରଣରୁ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ହ୍ରାସ ପାଇବାରେ ଲାଗିଛି। ଏଥିସହ ସଂରକ୍ଷିତ ଜଙ୍ଗଲଗୁଡିକରେ ଥିବା ବନ୍ୟଜନ୍ତୁଙ୍କ ପାଇଁ ବନ ବିଭାଗ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯାଉ ନାହିଁ। ଗାଁ ଆମ୍ବତୋଟାଗୁଡ଼ିକରେ ବହୁ ହୁଙ୍କା ଥିବାରୁ ଉଇ ଖାଇବାକୁ ଭାଲୁ ଗାଁ ମୁହାଁ ହେଉଛନ୍ତି।

-ସୁଦୀପ୍ତ ପ୍ରଧାନ, ଶ୍ରମିକନେତା, ଛେଣ୍ଡିପଦା

### ବାଟବଣା ହୋଇ ଚାଲି ଆସୁଛନ୍ତି



"ଜଙ୍ଗଲ ସମ୍ପଦକୁ ମଣିଷ ଉଜାଡ଼ିବାରେ ଲାଗିଥିବାରୁ ବନ୍ୟଜନ୍ତୁଙ୍କ ଏପରି ଉପଦ୍ରବ ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ହାତୀଙ୍କ ଚଲାପଥ ଅବରୋଧ କରାଯାଉଛି। ଫଳରେ ଏହି ବିଶାଳ ପ୍ରାଣୀ ସହ ଅନ୍ୟ ହିଂସ୍ର ଜନ୍ତୁ ଖାଦ୍ୟ ଅନ୍ୱେଷଣ ବେଳେ ବାଟବଣା ହୋଇ ଗାଁ ଭିତରକୁ ପଶିଆସୁଛନ୍ତି।

-ଗୋବିନ୍ଦ ଚନ୍ଦ୍ର ସାହୁ, ପାଣି ପଞ୍ଚାୟତ ଅଧ୍ୟକ୍ଷ, ଛେଣ୍ଡିପଦା

### କ୍ଷତି ସହୁଛନ୍ତି ଚାଷୀ



"ପୂର୍ବରୁ ଆମ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ କ୍ଷୟକ୍ଷତି ଆଦୌ ହେଉ ନ ଥିଲା। ଏବେ ଦିନବେଳା ହାତୀ ପଶିଆସୁଥିବା ବେଳେ ରାତିରେ ଭାଲୁମାନେ ଆଖୁବାଡିରେ ପଶି ଚାଷ ଉଜାଡି ଦେଉଛନ୍ତି। ଆଖୁ ଚାଷରେ ଯେଉଁଭଳି ଖର୍ଚ୍ଚ ଓ ପରିଶ୍ରମ ହେଉଛି ତାହା ଥରେ ନଷ୍ଟ ହେଲେ ଚାଷୀଙ୍କୁ ବିପୁଳ କ୍ଷତି ସହିବାକୁ ପଡୁଛି।

-ନରୋତ୍ତମ ଗଡ଼ନାୟକ, ଚାଷୀ

### ଖାଦ୍ୟାଭାବରୁ ଗାଁକୁ ପଶୁଛନ୍ତି



"ଘଞ୍ଚ ଜଙ୍ଗଲ ଭିତରକୁ ମଣିଷର ଅନୁପ୍ରବେଶ ଯୋଗୁ ଭାଲୁମାନଙ୍କ ଆଶ୍ରୟସ୍ଥଳୀ ନଷ୍ଟ ହେବା ସହିତ ଖାଦ୍ୟ ଓ ଜଳାଭାବ ଦେଖାଦେଉଛି। ଭାଲୁ ଆଖୁ ଓ ଉଇ ଖାଇବାକୁ ଭଲ ପାଏ। ଏସବୁ ଖାଦ୍ୟ ଆଉ ଜଙ୍ଗଲରେ ଅଧିକ ପରିମାଣର ମିଳୁ ନ ଥିବାରୁ ଭାଲୁମାନେ ଜନବସତି ମୁହାଁ ହେଉଛନ୍ତି।

-ପ୍ରଦୀପ କୁମାର ସାହୁ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ

### ଘଉଡ଼ାଇବା ବ୍ୟବସ୍ଥା କରାଯାଉ



"ଖମାର ଅଞ୍ଚଳକୁ ବାରମ୍ବାର ଭାଲୁ ପଶିଆସୁଛନ୍ତି। ଏପରି ଖବର ମିଳିବା ପରେ ଲୋକମାନେ ଭୟଭୀତ ହୋଇପଡୁଛନ୍ତି। ଗାଁ ନିକଟସ୍ଥ ଆମ୍ବ ତୋଟା ଦେଇ ଯାଉଥିବା ଦୁଇଜଣ ଚାଷୀ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତୁରନ୍ତ ଉକ୍ତ ସ୍ଥାନରୁ ଭାଲୁକୁ ଘଉଡାଇବାର ବ୍ୟବସ୍ଥା କରାଯାଉ।

-ନିଲେଶ ସାହୁ, ଖମାର

### ହାତୀ ସ୍କ୍ୱାଡ୍ ପରି ଭାଲୁ ପାଇଁ ବ୍ୟବସ୍ଥା ନାହିଁ

ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ ଜନବସତିରୁ ଘଉଡ଼ାଇବାକୁ ଯେପରି ସ୍ୱତନ୍ତ୍ର କର୍ମଚାରୀ ରହିଛନ୍ତି, ସେହିଭଳି ବ୍ୟବସ୍ଥା ଭାଲୁ ପାଇଁ ନାହିଁ। କେବଳ କେହି ଗୁରୁତର ହେଲେ କିମ୍ବା ମୃତ୍ୟୁ ଘଟିଲେ ଯାହା କିଛି କ୍ଷତିପୂରଣ ପ୍ରଦାନ କରାଯାଉଛି।

-ପ୍ରତାପ ଚନ୍ଦ୍ର ରାଉଳ, ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ

## ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟର ଚିରିଲେ କଂଗ୍ରେସ କର୍ମୀ

**ଢେଙ୍କାନାଳ ଅଫିସ, ୨୭।୨**

ତୈଳ, ରନ୍ଧନ ଗ୍ୟାସ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ବିରୋଧରେ ଢେଙ୍କାନାଳ ସହରରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଯୁବ ଏବଂ ଛାତ୍ର କଂଗ୍ରେସ କର୍ମୀ। ଦଳୀୟ କର୍ମକର୍ତ୍ତାମାନେ ସ୍ଥାନୀୟ ୪ ପେଟ୍ରୋଲ ପମ୍ପ ସମ୍ମୁଖରେ ପ୍ରତିବାଦ କରିବା ସହ ସେଠାରେ ଲାଗିଥିବା ପ୍ରଧାନମନ୍ତ୍ରୀଙ୍କ ବିଜ୍ଞାପନ ପୋଷ୍ଟର ଉପରେ କାଳି ମାଡ଼ି

- ତୈଳ, ରନ୍ଧନ ଗ୍ୟାସ ଦରବୃଦ୍ଧିର ପ୍ରତିବାଦ
- ୪ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

କରିବା ସହ ଚିରିଦେଇଥିଲେ। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି, କେନ୍ଦ୍ରର ମୋଦି ସରକାରଙ୍କ ନୀତିହୀନ ନିଷ୍ପତ୍ତି ପାଇଁ ତୈଳ ଦର ବେଲଗାମ ହୋଇଯାଇଛି। ଏହାର ବୋଝ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ପଡ଼ିଛି। ଏଥିରେ ଗରିବ ଖଟିଖିଆଙ୍କ ସମେତ ମଧ୍ୟବିତ୍ତ ବର୍ଗ ବ୍ୟାପକମାତ୍ରାରେ ପ୍ରଭାବିତ ହେଉଛନ୍ତି। ଏଭଳି ଦରବୃଦ୍ଧି ରୋକିବା ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି ଦଳୀୟ କାର୍ଯ୍ୟକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା, ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଜିଲା ଉପସଭାପତି ପ୍ରକାଶ କୁଅଁର, ଯୁବ କଂଗ୍ରେସ ପର୍ଯ୍ୟବେକ୍ଷକ ସୁଦୀପ ସାମଲ। ଅନ୍ୟମାନଙ୍କ ମଧ୍ୟରେ ଅମର ସେନାପତି, ସଚ୍ଚିଦାନନ୍ଦ ନନ୍ଦ, ଜ୍ୟୋତିର୍ମୟ ପାଲ, ଶୁଭମ୍ ଦାଶ, ରୀତେଶ ହୋତା, ଡୋନେଶ ମହାପାତ୍ର, ପ୍ରଦ୍ୟୁମ୍ନ ସାହୁ, ସୌମ୍ୟରଞ୍ଜନ ପ୍ରଧାନ, ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କେଞ୍ଝୁଆନାଳୀ, ରୁଗୁଡ଼ି ଜଙ୍ଗଲରେ ନିଆଁ

**ବଇଣ୍ଡା/ ଛେଣ୍ଡିପଦା,୨୭।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ କେଞ୍ଝୁଆନାଳୀ ଜଙ୍ଗଲ ଗତ ୨ ଦିନ ହେବ ଜଳୁଛି। ଫଳରେ ବନ୍ୟଜନ୍ତୁ ଏବେ ଗ୍ରାମାଭିମୁଖୀ ହେଉଛନ୍ତି। ଏହାକୁ ନେଇ ନିକଟସ୍ଥ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦେକ୍ଷେପ ନିଆଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଗ୍ରାମବାସୀ କହିଛନ୍ତି, ଜଙ୍ଗଲରେ ଶୁଖିଲାପତ୍ର ଗଦା ହୋଇଥିବା ବେଳେ ସେଥିରେ ଗାଈ ଚରାଳି ନିଆଁ ଲଗାଇ ଦେଉଛନ୍ତି। ଫଳରେ ଜଙ୍ଗଲ ସାରା ନିଆଁ ବ୍ୟାପୁଛି। ଏହାର ଫାଇଦା ଉଠାଇ ଶିକାରୀମାନେ ଜନ୍ତୁ ଶିକାର କରି ମାଂସ ବିକ୍ରି କରିବା ସହ ଚମଡା ଚାଲାଣ କରୁଛନ୍ତି। ତୁରନ୍ତ ଏ ଦିଗରେ ପଦେକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ରେଞ୍ଜର ରାହାସ ସାହୁ କହିଛନ୍ତି, ଜଙ୍ଗଲ ନିଆଁ ଲିଭାଇବାକୁ ପଦେକ୍ଷେପ ନିଆଯିବ। ସେହିପରି ଛଣ୍ଡିପଦା ବ୍ଲକ ଜରପଡା ରେଞ୍ଜ ଢୁକୁଡା ଗ୍ରାମର ଥିବା ୨ଟି ରୁଗୁଡି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ବହୁ ବନ୍ୟ ସମ୍ପଦ ନଷ୍ଟ ହୋଇଯାଇଛି। ଢୁକୁଡା ଗ୍ରାମବାସୀ ରକ୍ଷଣାବେକ୍ଷଣ କରୁଥିବା ଉକ୍ତ ଜଙ୍ଗଲରେ ଶନିବାର ହଠାତ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଅନୁଗୋଳ ଦମକଳ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲା।



କେଞ୍ଝୁଆନାଳୀ ଜଙ୍ଗଲରେ ଲାଗିଥିବା ନିଆଁ।

## କଟକଣାରେ ସରିଲା ମାଘମେଳା

**ଢେଙ୍କାନାଳ ଅଫିସ, ୨୭।୨**

ଢେଙ୍କାନାଳ ଜିଲା ମହିମାଗାଦି ଯୋରନ୍ଦାରେ ୩ଦିନ ଧରି ଚାଲିଥିବା ବିଶ୍ୱ ପ୍ରସିଦ୍ଧ ମାଘମେଳା ଶନିବାର ଶେଷ ହୋଇଛି। ଅନ୍ତିମ ଦିବସରେ ଗାଦିମନ୍ଦିରର ପଶ୍ଚିମ ଦ୍ୱାରରେ ପ୍ରଜ୍ୱଳିତ ହୋଇଥିଲା ୩୧ଶାଖା ବିଶିଷ୍ଟ ଝାଡ଼ଦୀପ। ବିଶ୍ୱକଲ୍ୟାଣ କାମନା କରି ସାଧୁସନ୍ଥମାନେ ଘୃତାହୁତି ପ୍ରଦାନ ପୂର୍ବକ ପ୍ରାର୍ଥନା କରିଥିବାବେଳେ ମହିମା ଅଲେଖ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ଅଞ୍ଚଳ। ସେହିପରି ଗାଦିମନ୍ଦିର ପୂର୍ବଦ୍ୱାରରେ ସୁନାରୁପାର ଛତ୍ରୀ, ଅଢ଼େଣୀ, ତରାସ, ମକରତ୍ରୋଣ ଦୁଇଦିନ ଧରି ପ୍ରଦର୍ଶିତ ହୋଇଥିଲା।

କରୋନା ସଂକ୍ରମଣ ଏଡ଼ାଇବାକୁ ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ମେଳା ଆୟୋଜିତ ହୋଇଥିଲା। ବ୍ୟାପକ ଜନସମାଗମ ଏବଂ ବାହାର ସାଧୁସନ୍ଥଙ୍କ ଆଗମନ ଉପରେ କଟକଣା ଜାରି କରାଯାଇଥିଲା। କେବଳ ନୀତିକାନ୍ତି ସମାପନ କରିବାକୁ କୋଭିଡ୍ ନେଗେଟିଭ୍‌ଧାରୀ ୬୦ ସନ୍ଥଙ୍କୁ ଅନୁମତି ପ୍ରଦାନ କରାଯାଇଥିଲା। ଶେଷଦିନରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ସାମୂହିକ ପ୍ରାର୍ଥନାରେ ବହୁ ମହିମା ଧର୍ମାବଲମ୍ବୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।




ଗାଦିମନ୍ଦିର ପଶ୍ଚିମ ଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ କରାଯାଉଛି।

## ସଚେତନ ହେଲେ କମିବ କର୍କଟ



ସିଡିଏମ୍‌ଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୭।୨**

- ପ୍ରାଥମିକ ପର୍ଯ୍ୟାୟରେ କ୍ୟାନ୍‌ସର ଆରୋଗ୍ୟସାଧ
- ଲକ୍ଷଣ ଦେଖାଦେଲେ ତୁରନ୍ତ ସ୍କ୍ରିନଂ କରାଇବା ଜରୁରୀ

ଢେଙ୍କାନାଳ ସହର ଉପକଣ୍ଠ ହରିପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର କର୍କଟ ରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ଯୋଗଦେଇ କହିଲେ, କର୍କଟ ଭଳି ବିପଜ୍ଜନକ ରୋଗରୁ ମୁକ୍ତି ପାଇବା ଲାଗି ଶରୀରର ଯତ୍ନ ନେବା ନିତାନ୍ତ ଆବଶ୍ୟକ। ସଚେତନ ହେଲେ କ୍ୟାନ୍‌ସର ଏବଂ ଏହାକୁ ନେଇ ରହିଥିବା ଭୟ କମିବ। ମୁଖ୍ୟବକ୍ତା ଭାବେ କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଚିକିତ୍ସା କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନର ଆସୋସିଏଟ୍ ପ୍ରଫେସର ଲୁସି ପଟ୍ଟନାୟକ ଯୋଗଦେଇ କ୍ୟାନସରର ଲକ୍ଷଣ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ମଳଦ୍ୱାରରୁ ରକ୍ତ ପଡିବା, ବାରମ୍ବାର ପରିସ୍ରା ଲାଗିବା, କଳା ଝାଡ଼ା ହେବା ଜରାୟୁ କ୍ୟାନସର ପ୍ରାଥମିକ ଲକ୍ଷଣ। ମୁଖଗହ୍ୱର କ୍ୟାନ୍‌ସର ପ୍ରାଥମିକ ଅବସ୍ଥାରେ ଗଳା ବସିଯିବା, ମୁଖ ଅଳ୍ପ ଖୋଲିବା, ପାଟି କଳରେ ଫୋଟକା ହେବା ଭଳି ଲକ୍ଷଣ ଦେଖାଯାଇଥାଏ। ସେହିପରି ସ୍ତନ କର୍କଟରେ ସ୍ତନରେ ଗେଟା ହୋଇ ପ୍ରବଳ ଦରଜ ହୋଇଥାଏ। ପ୍ରାଥମିକ ଅବସ୍ଥାରେ ଚିହ୍ନଟ ହେଲେ ଏହି ୩ ପ୍ରକାର କର୍କଟ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରିବ। ଶରୀରରେ ଏଭଳି ଲକ୍ଷଣ ଦେଖାଦେଲେ ଏହାକୁ ସାମାନ୍ୟ ନ ଭାବି ତୁରନ୍ତ ସ୍କ୍ରିନଂ କରାଇବା ଜରୁରୀ ବୋଲି ସେ ପରାମର୍ଶ ଦେଇଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ପ୍ରଭା ଯୋଗଦେଇ କହିଲେ, ରାଜଯୋଗ ଦ୍ୱାରା ଶରୀର ଏବଂ ଆତ୍ମା ମଧ୍ୟରେ ସନ୍ତୁଳନ ରଖାଯାଇପାରିବ। ବ୍ରହ୍ମାକୁମାରୀ ମିନି ରାଜଯୋଗ ଅଭ୍ୟାସ କରାଇଥିଲେ। ଜଳଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ମଞ୍ଚାସୀନ ଥିଲେ। ଏହି ଅବସରରେ ସିଡିଏମ୍‌ଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମାକୁମର ବସନ୍ତ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ଆଠମଲ୍ଲିକ,୨୭।୨(ଡି.ଏନ.ଏ.)**

ଆଠମଲ୍ଲିକସ୍ଥିତ ଧନ୍ୟ ନିରାକାର ଆଶ୍ରମ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିଚାଳନା ପରିଷଦ ପକ୍ଷରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭବାନୀ ଶଙ୍କର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସହସମ୍ପାଦକ ବିବେକାନନ୍ଦ ଭୁକ୍ତା ବିବରଣୀ ପାଠ କରିବା ସହିତ ଆୟବ୍ୟୟ ହିସାବ ଦେଇଥିଲେ। ପେନ୍‌ସନ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ ନିମନ୍ତେ ସଂଘ ଉଦ୍ୟମ କରିବା ନେଇ ଆଲୋଚନା ହୋଇଥିଲା। ସରକାର ୫ ପ୍ରତିଶତ ମହଙ୍ଗା ଭତ୍ତା ଲାଗୁ କରିଥିବାରୁ ସଂଘ ଧନ୍ୟବାଦ ପ୍ରସ୍ତାବ ଆଣିଥିଲା। ଆସନ୍ତା ମାର୍ଚ୍ଚ ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କର୍ମଚାରୀ ମହାସଂଘର ରାଜ୍ୟ କେନ୍ଦ୍ରୀୟ କମିଟି ବୈଠକରେ ଯୋଗଦେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

## ଢୁକୁଡ଼ା ପଞ୍ଚାୟତକୁ ପଞ୍ଚତାରକା ଗ୍ରାମ ଘୋଷଣା

**ଛେଣ୍ଡିପଦା,୨୭।୨(ସ୍ୱ.ପ୍ର.)**

ଭାରତୀୟ ଡାକ ବିଭାଗ ଢେଙ୍କାନାଳ ମଣ୍ଡଳ ପକ୍ଷରୁ ଶନିବାର ଢୁକୁଡା ଗ୍ରାମକୁ ପଞ୍ଚତାରକା ଗ୍ରାମ (ଫାଇଭ ଷ୍ଟାର ଭିଲେଜ) ଭାବେ ଘୋଷଣା କରାଯାଇଛି। ଏହି ଅବସରରେ ଢୁକୁଡା ଗ୍ରାମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ତପସ୍ୱିନୀ ସାହୁ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର କ୍ଷେତ୍ର ଡାକ ବିଭାଗ ଆସିଷ୍ଟାଣ୍ଟ ଡାଇରେକ୍ଟର କମଳେନ୍ଦୁ ପଣ୍ଡା, ସହକାରୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ପ୍ରଧାନ, ଢେଙ୍କାନାଳ ମଣ୍ଡଳ ଡାକ ଅଧୀକ୍ଷକ ଜମ୍ବେଶର ଗଡ଼ନାୟକ, ପୂର୍ବତନ ଜିଲାପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ଗ୍ରାମ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚତାରକା ଗ୍ରାମ ଭାବେ ଘୋଷଣା କରାଯିବାର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କୁ ସମସ୍ତ ପ୍ରକାର ତ୍ୱରିତ ଡାକ ସେବା ସୁବିଧା ଯୋଗାଇଦେବା ପାଇଁ ଏଥିରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଡାକ ବିଭାଗ ଡେପୁଟି ପୋଷ୍ଟମାଷ୍ଟର ସରୋଜ ମହାପାତ୍ର, ଢୁକୁଡା ଗ୍ରାମ ପୋଷ୍ଟ ମାଷ୍ଟର ଭାଗୀରଥି ସାହୁ, ଜିବିଏସ ଜଗବନ୍ଧୁ ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିଶୋରଗଞ୍ଜ ସବ୍‌ପୋଷ୍ଟ ମାଷ୍ଟର ଛବି ସାହୁ ଧନ୍ୟବାଦ ଦେଇଥିଲେ। ସମସ୍ତ ବିଭାଗୀୟ କର୍ମଚାରୀ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।




ଢେଙ୍କାନାଳ ଡାକ ମଣ୍ଡଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତାମାନେ।

